## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ନୂଆଗଡ,୭।୧୦(ଯୋଗ୍ଯବନ୍ତ ପରିଛା)– ସେରଙ୍ଗ ଥାନା ଅନ୍ତର୍ଗତ ଦୋଘରିଆ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ସେରଙ୍ଗ ଗାଁର ପଞ୍ଚୁମନ ସୁଆଲସିଂଙ୍କ ପୁଅ ରିଙ୍କୁ(୨୫)। ରିଙ୍କୁ ତାଙ୍କ ଶ୍ୱଶୁର ଘର ନୂଆଗଡ ଯାଇ ବାଇକ୍ ଯୋଗେ ସେରଙ୍ଗ ଫେରିବା ବେଳେ ଦୋଘରିଅର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସ୍ଥାନୀୟ ଅଞ୍ଚଳର ରାଜେଶ ପାଇକ, ରାହୁଲ ସିଂ, ସୁବିର ଜୀବନ ଅରିସଲ୍ଲ, ସାହିଲ ପାଣି ଏକ କାର ଯୋଗେ ସେହି ରାସ୍ତା ଦେଇ ଯାଉଥିବା ବେଳେ ଗୁରୁତର ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ପଡିଥିବା ରିଙ୍କୁଙ୍କୁ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଏବଂ ଅଞ୍ଚଳବାସୀ ରିଙ୍କୁଙ୍କୁ ଉଦ୍ଧାର କରି ଖଜୁରୀପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖଜୁରୀପଦା ଫାଣ୍ଡି ଅଧିକାରୀ ପ୍ରଫୁଲ ଜାଗାରାଙ୍ଗା ଘଟଣା ସ୍ଥଳରେ ତଦନ୍ତ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିଛନ୍ତି।

### ବନ୍ୟଜନ୍ତୁ ସୁରକ୍ଷା ପାଇଁ ସଚେତନତା

ମୋହନା,୭।୧୦(ମନ୍ମଥ ମିଶ୍ର): ଗଜପତି ଜିଲା ଚନ୍ଦ୍ରଗିରି ଅଞ୍ଚଳର ଢେପାଗୁଡା ଗ୍ରାମରେ ଥିବା ସେବାଶ୍ରମ ବିଦ୍ୟାଳୟରେ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳିତ ହୋଇଥିଲା। ଏଥିରେ ବିଦ୍ୟାଳୟର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଯୋଗଦେଇଥିଲେ, ଗାଁ ପରିକ୍ରମା କରିବା ସହ ବନ୍ୟଜନ୍ତୁ ସୁରକ୍ଷା ପାଇଁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପୋଡ଼ାମାରି ବନାଞ୍ଚଳ ଅଧିକାରୀ ବିନୟ ପ୍ରକାଶ ବୁଡ, ସ୍ଥାନୀୟ ସରପଞ୍ଚ ସୁନୀଲ ରାଇକା, ୱାର୍ଡମେମ୍ବର, ପ୍ରଧାନ ଶିକ୍ଷକ, ଭିକ୍ଷୁଗିରି ସେକ୍ସନ ବନରକ୍ଷୀ ଜଗଦା ନନ୍ଦ ସାହୁ, ଗିରିଜା ପ୍ରସାଦ ଦୋରା, ହରିହର ବେହେରା ଓ ଜଙ୍ଗଲ ସୁରକ୍ଷା ବାହିନୀ ଯୋଗଦେଇଥିଲେ । ଶେଷରେ ବନପାଳ ଦେବାଶିଷ ଶତପଥୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥଲେ।

### କଳିଙ୍ଗ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ଆଲୋଚନାଚକ୍ର

ଜି. ଉଦୟଗିରି, ୭।୧୦(ଶିଶିର ପଟ୍ଟନାୟକ): ଜି. ଉଦୟଗିରିସ୍ଥିତ କଳିଙ୍ଗ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଆନୁକୂଲ୍ୟରେ 'ସାମାଜିକ ବାସ୍ତବତାର ଜୀବନ୍ତ କାହାଣୀ : ଦାନାପାଣି'ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ବିଭାଗୀୟ ମୁଖ୍ୟ ସୁପ୍ରିୟା ମହାନ୍ତିଙ୍କ ସଭାପତିତ୍ୱରେ ହୋଇଥିବା ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଅଧକ୍ଷ ସୁଧାଂଶୁ ଶେଖର ମେହେର ଆଲୋଚନାଚକ୍ରର ମହତ୍ତ୍ୱ ସମ୍ପର୍କରେ ମତ ରଖିଥିଲେ। ଟିକିଟି ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ସଂଜୟ ପଣ୍ଡା ମୁଖ୍ୟବକ୍ତା ରୂପେ ଯୋଗଦେଇ ଗୋପୀନାଥ ମହାନ୍ତିଙ୍କ ଦାନାପାଣି ଉପନ୍ୟାସରେ ପ୍ରତିଫଳିତ ସାମାଜିକ ବାସ୍ତବତା ସମ୍ପର୍କରେ ଆଲୋଚନା କରିଥିଲେ। ଗୋପୀନାଥ ମହାନ୍ତି ଏହାକୁ କିପରି ସଫଳତାର ସହିତ ଉପନ୍ୟାସରେ ଚିତ୍ରିତ କରିଛନ୍ତି ସେନେଇ ଡ. ପଣ୍ଡା ଉଲ୍ଲେଖ କରିଥିଲେ। ଅଧାପକ ଡ ନଳିନୀ ପାଣିଗ୍ରାହୀ ନିଜ ବକ୍ତବ୍ୟ ରଖିଥିଲେ। ଅଧାପିକା ମାମିନା ଦାସଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ପ୍ରବନ୍ଧକୁ ଛାତ୍ରୀ ଶୁଭସ୍ମୃତି ପ୍ରଧାନ ପାଠ କରିଥିଲେ। ଅଧାପିକା ମାମିନା ଦାସ ପ୍ରାକ୍ ସୂଚନା ଦେଇଥିଲେ। ଅଧାପିକା ସବିତା ଗୁଡୁ ଧନ୍ୟବାଦ ଦେଇଥିଲେ।

### ଜୁଆଆଡ଼ା ଉପରେ ଚଢାଉ, ୫ ଗିରଫ

ଛତ୍ରପୁର,୭।୧୦(ଦିଲ୍ଲୀପ ସାମଲ) ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ବିଭିନ୍ନ ଜୁଆଆଡ଼ା ଉପରେ ଚଢାଉ କରିଛି । ପରମ୍ପରା ଆଳରେ ଚାଲିଥିବା ବେଆଇନ ଜୁଆ ଆଡ୍ଡା ଉପରେ ନଜର ରଖିବାକୁ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ରବିବାର ରାତିରେ ରିକାପଲ୍ଲୀ ଅଞ୍ଚଳର ଏକ ସାହିରେ ଚାଲିଥିବା ଜୁଆଆଡ୍ଡା ଉପରେ ଚଡାଉ କର ପୋଲିସ ୫ ଜଣ ଜୁଆଡିଙ୍କୁ ଗିରଫ କରିଛି। ସେଠାରୁ ୧ ଲକ୍ଷ ୩୭ ହଜାର ୭୫୦ ଟଙ୍କା, ୨୨ଟି ବାଇକ୍ ଜବତ କରାଯାଇଛି। ଏନେଇ ନଂ. ୬୦୩/୨୪ରେ ମାମଲା ରୁଜୁ ହୋଇଛି। ଆଗାମୀ ଦିନରେ ମଧ୍ୟ ଏହି ଚଡ଼ାଉ ଜାରି ରହିବ ବୋଲି ଥାନା ଅଧିକାରୀ ନିରୋଦ ଦାସ ସୂଚନା କହିଛନ୍ତି ।

# ଅଚଳ ହୋଇପଡ଼ିଛି ଜଳ, ବିଦ୍ୟୁତ୍ ପ୍ରକଳ୍ପ

**ମା' ବରାଳଦେବୀ ପୀଠ**

- ସନ୍ଧ୍ୟା ହେଲେ ମନ୍ଦିର ଚତୁଃପାର୍ଶ୍ୱ ରହୁଛି ଅନ୍ଧାରରେ
- ହଇରାଣ ହେଉଛନ୍ତି ପୀଠକୁ ଆସୁଥିବା ଶ୍ରଦ୍ଧାଳୁ

ଖଜୁରୀପଡ଼ା,୭।୧୦ ( ବିଦୁର ବେହେରା) କନ୍ଧମାଳ ଜିଲା ଖଜୁରୀପଡା ବ୍ଲକ ଅନ୍ତର୍ଗତ ବଲସକୁମ୍ପାସ୍ଥିତ ମା' ବରାଳଦେବୀ ପୀଠରେ ବ୍ଲକ ପ୍ରଶାସନ ପକ୍ଷରୁ ଏକ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ କିଛିବର୍ଷ ତଳେ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନର କିଛି ମାସ ନ ପୂରୁଣୁ ଉକ୍ତ ପ୍ରକଳ୍ପଟି ଅଚଳ ହୋଇପଡିଛି। ମା'ଙ୍କ ପାଖକୁ ପ୍ରତ୍ୟହ ଜିଲା ତଥା ଜିଲା ବାହାରୁ ବହୁ ଶ୍ରଦ୍ଧାଳୁ ଆସିଥାନ୍ତି। ମା'ଙ୍କ ମନ୍ଦିର ପାର୍ଶ୍ୱରେ ବାବା ଗୁପ୍ତେଶ୍ୱର ମନ୍ଦିର, ମା' ଲକ୍ଷ୍ମୀ ଓ ମା' ଦକ୍ଷିଣକାଳୀଙ୍କ ମନ୍ଦିର ମଧ୍ୟ ରହିଛି। ଶ୍ରଦ୍ଧାଳୁଙ୍କ ଦର୍ଶନ ପୂର୍ବରୁ ହାତ ଗୋଡ ଧୋଇବା ଏବଂ ବିଶୁଦ୍ଧ ପାନୀୟ ଜଳ ପିଇବା ସୁବିଧା ପାଇଁ ଏହି ଜଳ ପ୍ରକଳ୍ପ ହୋଇଥିଲା। ଏହି ଅଚଳ ଜଳପ୍ରକଳ୍ପ ପ୍ରତି ପଞ୍ଚାୟତ,ବ୍ଲକ କି ଜିଲା ପ୍ରଶାସନ କାହାର ନଜରକୁ ପଡୁନାହିଁ। ଏହି ପାର୍ବଣ ଋତୁ ମା'ଙ୍କ ପୀଠରେ ମହାନବମୀ ଏବଂ ଦଶହରା ପୂଜା ପାଇଁ ଜିଲା ପ୍ରଶାସନ, ତହସିଲଦାର ଏବଂ ମନ୍ଦିର ପରିଚାଳନା କମିଟିର ବୈଠକ ହେଉଥିଲେ ମଧ୍ୟ ଉକ୍ତ ପ୍ରକଳ୍ପ ମରାମତି କରିବା କିମ୍ବା ମନ୍ଦିର ଚତୁଃପାର୍ଶ୍ୱରେ ଆଲୋକୀକରଣ ବ୍ୟବସ୍ଥା ପାଇଁ କେହି ଗୁରୁତ୍ୱ ଦେଉନାହାନ୍ତି। ବ୍ଲକ ପ୍ରଶାସନ ମନ୍ଦିର ଚତୁଃପାର୍ଶ୍ୱରେ ଆଲୋକୀକରଣ କରିଥିଲା ମାତ୍ର ତାହା ମଧ୍ୟ କିଛି ବର୍ଷ ଚାଲିବା ପରେ ଅଚଳ ହୋଇପଡିଛି। ସନ୍ଧ୍ୟା ହେଲେ ମନ୍ଦିର ଚତୁଃପାର୍ଶ୍ୱ ଅନ୍ଧକାର ହୋଇରହୁଛି। ୧୧ରେ ମା'ଙ୍କ ପୀଠରେ ପାଳିତ ହେବ ମହାନବମୀ ପୂଜା ଏବଂ ୧୨ରେ ଦଶହରା ପୂଜା । ୯ ଦିନ ଧରି ଚାଲିବାକୁ ଥିବା ମା'ଙ୍କ ଏହି ପୂଜା ଅବସରରେ ବିଭିନ୍ନ ରୂପରେ ମା' ଦର୍ଶନ ଦେବେ। ମହାନବମୀ ଏବଂ ଦଶହରା ପୂର୍ବରୁ ଉକ୍ତ ୨ ପ୍ରକଳ୍ପ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମା' ରାମଚଣ୍ଡୀ ମନ୍ଦିର ଚଳଚଞ୍ଚଳ

ଛତ୍ରପୁର,୭।୧୦ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଛତ୍ରପୁରଠାରୁ ୭କିମି ଦୂର ନିଳାଦ୍ରୀପୁର ଗ୍ରାମ ଧଡା ପାହାଡ଼ ଶୀର୍ଷରେ ଥିବା ମା' ରାମଚଣ୍ଡୀ ମନ୍ଦିର ଶାରଦୀୟ ପୂଜା ଲାଗି ଚଳଚଞ୍ଚଳ ହୋଇଉଠିଛି। ଏହି ପ୍ରସିଦ୍ଧ ପୀଠରେ ବିଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଷୋଡ଼ଶ ଦିନାତ୍ମକ ପୂଜା ଚାଲିଛି। ସ୍ୱତନ୍ତ୍ର ଭାବେ ବେଦ ପାଠଶାଳାର ବିଦ୍ୟାର୍ଥୀ ମନ୍ତ୍ର ପାଠ କରୁଛନ୍ତି। ଦୈନିକ ସକାଳେ ଓ ସନ୍ଧ୍ୟାରେ ଏପରିକି ମଧ୍ୟରାତ୍ରିରେ ମଧ୍ୟ ଏଠି ଗହଳଚହଳ ଲାଗୁଛି। ମନ୍ଦିରରେ ଷୋଡଶ ଉପଚାର ବିଧିବିଧାନ ପରମ୍ପରାର ପୂଜା ହୋମଯଜ୍ଞ ମନ୍ତ୍ରପାଠ ଆଦି ଦେଖି ଶ୍ରଦ୍ଧାଳୁମାନେ ବିମୋହିତ ହୋଇଛନ୍ତି । ପ୍ରତିଦିନ ସମସ୍ତ ଆଗନ୍ତୁକ ଅତିଥି, ଭକ୍ତଗଣଙ୍କୁ ଅନ୍ନପ୍ରସାଦରେ ଆପ୍ୟାୟିତ କରାଯାଉଛି। ଭକ୍ତଜନ ମା' ରାମଚଣ୍ଡୀଙ୍କ ଦିବ୍ୟଦର୍ଶନ କରି କୃପା ଲାଭ କରୁଛନ୍ତି।

ଶାରଦୀୟ ପୂଜା ଅବସରରେ ଏକ ସମ୍ବର୍ଦ୍ଧନା କାର୍ଯକ୍ରମ ହୋଇଯାଇଛି । ଏଥିରେ ଓଡ଼ିଶା ବିଧାନ ସଭାର ପ୍ରାକ୍ତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା,ସମ୍ମାନିତ ଅତିଥି ଭାବେ, ମୁଖ୍ୟଅତିଥି ଭାବେ


ମା' ରାମଚଣ୍ଡୀ

ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଓଡ଼ିଶା ଖାଦ୍ୟ ନିଗମ ନିର୍ଦ୍ଦେଶକ ପ୍ରଶାନ୍ତ ନାୟକ, ସମାଜିକ କର୍ମୀ ଦୀପକ ମୁଦୁଲି, କୃଷ୍ଣ ଚନ୍ଦ୍ର ନାୟକ ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଅତିଥି ଯୋଗଦେଇ ମା' ରାମଚଣ୍ଡୀଙ୍କ ପୀଠର କାର୍ଯ୍ୟକର୍ତ୍ତା,ବହୁ ଉତ୍ସାହୀ ଉଦ୍ୟକ୍ତା, ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ମନ୍ଦିର ପୂଜା କମିଟି ସଂଯୋଜକ କମଲ କୁମାର୍ ପଣ୍ଡା, ସହସଂଯୋଜକ ତୁଷାର କାନ୍ତ ଶତପଥୀ ଏହାକୁ ପରିଚାଳନା କରିଥିଲେ ।

# ବହୁ ପ୍ରତୀକ୍ଷିତ ଟୟ ଟ୍ରେନ୍‌ର ହେଲା ଲୋକାର୍ପଣ

ଦାରିଙ୍ଗବାଡି, ୭।୧୦ (ଅରୁଣ ସାହୁ )

କନ୍ଧମାଳ ଜିଲା ଦାରିଙ୍ଗବାଡି ଏକ ପ୍ରମୁଖ ପର୍ଯ୍ୟଟନକ୍ଷେତ୍ର ଭାବେ ପରିଚିତ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ହିଲ୍‌ଭିୟୁ ପାର୍କ ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ଭାବେ ଜଣାଶୁଣା। ଉକ୍ତ ପାର୍କ ମଧ୍ୟରେ ସୋମବାର ଶିଶୁ ପର୍ଯ୍ୟଟକଙ୍କ ପାଇଁ ଟୟ ଟ୍ରେନର ଲୋକାର୍ପଣ କରାଯାଇଛି। ସାଞ୍ଜାସରୁ ଉନ୍ନୟନ ଟ୍ରଷ୍ଟ ଅଧକ୍ଷ ତଥା ବାଲିଗୁଡା ଉପଜିଲାପାଳ ଡ. ରୀନା ପ୍ରଧାନ ଏହାର ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧକ୍ଷ ସୁଶାନ୍ତ ପ୍ରଧାନ, ଟ୍ରଷ୍ଟ ସମ୍ପାଦକ ତଥା ବିଡ଼ିଓ ଗଦାଧର ପାତ୍ର, ତହସିଲଦାର ଶରତ ଶବର, ସିଡିପିଓ ସଂଧ୍ୟାରାଣୀ ପଣ୍ଡା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି, କନିଷ୍ଠ ଯନ୍ତ୍ରୀ ଧିରେନ ସେଠୀ, ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଠ, ପତିତପାବନ ରାଉତ, ବିଦେଶୀ ନାୟକ, ରମେଶ ଚନ୍ଦ୍ର ସାହୁ, ରଞ୍ଜନ ସିଂ, ପ୍ରଭାକର ସାହୁ ପ୍ରମୁଖ ଅତିଥି


ଅତିଥିମାନେ ଟୟ ଟ୍ରେନକୁ ଲୋକାର୍ପିତ କରୁଛନ୍ତି।

- ଶିଶୁ ପର୍ଯ୍ୟଟକଙ୍କ ମଧ୍ୟରେ ଖୁସିର ଲହର
- ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ ହୋଇଛି ୧୨ ଲକ୍ଷ ୪୯ ହଜାର ଟଙ୍କା

ରୂପେ ଉପସ୍ଥିତ ଥିଲେ। ଦାରିଙ୍ଗବାଡିର ଭୌଗଳିକ ସ୍ଥିତି ଦେଖିଲେ ଅଞ୍ଚଳକୁ କେବେ ଟ୍ରେନ ଗଡିବ ତାହା କହିବା କଷ୍ଟ। ମାତ୍ର ଶିଶୁମାନଙ୍କ ମନୋରଞ୍ଜନ ପାଇଁ ଜିଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ଏବଂ ସାଞ୍ଜାସରୁ ଟ୍ରଷ୍ଟ ଉଦ୍ୟମରେ ଏହି ଟୟ ଟ୍ରେନ ବ୍ୟବସ୍ଥା କରାଯାଇଛି। ଟ୍ରଷ୍ଟ ନିଜସ୍ୱ ପାଣ୍ଠି ଖର୍ଚ୍ଚ କରିବା ପରେ ଏହାର ଟିକେଟ ମୂଲ୍ୟ ଧାର୍ଯ୍ୟ କରାଯିବ ବୋଲି ଟ୍ରଷ୍ଟ ସମ୍ପାଦକ ବିଡ଼ିଓ ପାତ୍ର କହିଛନ୍ତି। ହିଲଭିୟୁ ପାର୍କର ନିଜସ୍ୱ ପାଣ୍ଠିରୁ ଏହି ଟୟ ଟ୍ରେନ ପାଇଁ ୧୨ ଲକ୍ଷ ୪୯ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ସୂଚନା ଯୋଗ୍ୟ, ଏଠାରେ ପୂର୍ବରୁ ମଧ୍ୟ ଏକ ଟୟ ଟ୍ରେନ ରହିଥିଲା ଯାହାକି ନଷ୍ଟ ହୋଇଗଲା ପରେ ଏବେ ନୂତନ ଟୟଟ୍ରେନ ସ୍ଥାପନ କରାଯାଇଛି।

# ଧରାକୋଟ ବ୍ଲକରେ ୪୬ ନୂଆ କନିଷ୍ଠ ଶିକ୍ଷକ

ଧରାକୋଟ,୭।୧୦ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ରାଜ୍ୟ ସରକାର ଶିକ୍ଷାର ମାନଦଣ୍ଡର ବିକାଶ ସହ ଆଶ୍ୟକତା ଦୃଷ୍ଟିରୁ ରାଜ୍ୟର ବିଭିନ୍ନ ବିଦ୍ୟାଳୟଗୁଡିକରେ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ଦେଇଥିଲେ। ସେହି ଅନୁପାତରେ ଧରାକୋଟ ବ୍ଲକରେ ୪୬ ଜଣ ନୂଆଁ କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏହି ଅବସରରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ ସ୍ୱାଇଁ,ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ ଶତପଥୀ, ସିମାଞ୍ଚଳ ବେହେରା, ବିଭୂତି ଭୂଷଣ ପାତ୍ର, ଷ୍ଟେଟ୍ ବ୍ୟାଙ୍କର ଶାଖା ପରିଚାଳକ ଗୌତମ ରାଉତ, ସହ ପରିଚାଳକ ଦେବାଶିଷ ପଣ୍ଡା,ପଞ୍ଚାନନ ପଣ୍ଡା ଓ ଦେବାଶିଷ ଲେଙ୍କା ଉପସ୍ଥିତ ରହି ନୂତନ ଶିକ୍ଷକମାନଙ୍କୁ ସ୍ୱାଗତ କରିଥିଲେ। ସେମାନଙ୍କ ନୂତନ କର୍ମମୟ ଜୀବନର ସଫଳତା କାମନା କରିବା ସହ ଦାୟିତ୍ୱବୋଧ, କର୍ମଠ, ବିଦ୍ୟାଳୟରେ ଶୃଙ୍ଖଳା ଜ୍ଞାନ, ଶିକ୍ଷାଦାନ, ଶିକ୍ଷାଦାନ ପ୍ରଣାଳୀ, ଶିକ୍ଷାର ଅଭିବୃଦ୍ଧି ପାଇଁ ଆସୁଥିବା ସରକାରୀ ଅନୁଦାନର ସୁବିନିଯୋଗ, ବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଭୂମିକା ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ ସ୍ୱାଇଁ ସମସ୍ତଙ୍କୁ ଅବଗତ କରାଇଥିଲେ।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା

ଫୁଲବାଣୀ,୭।୧୦ (ରାକେଶ କୁମାର ରାଉତ)

ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ପେଞ୍ଜିସାହି ଅଞ୍ଚଳର ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଥାନାରେ ଏତଲା ଦେଇଛନ୍ତି। ପୂର୍ବ ଶତ୍ରୁତାକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ଏଥିରେ ଉଲ୍ଲେଖ ରହିଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ମିଳିଥିବା ଖବରରୁ ଜଣାପଡିଛି, ପେଞ୍ଜିସାହି ଅଞ୍ଚଳର ଜିତୁ ମୁଖିଙ୍କ ପୁଅ ଜନ ମୁଖି ଓରଫ ଜଗା(୧୯) ଙ୍କୁ ସଦରଥାନା ଅନ୍ତର୍ଗତ ଦାତପାଜୁ ଅଞ୍ଚଳର କେତେ ଜଣ ଯୁବକ ରବିବାର ରାତି ୭ଟାରେ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ପରେ ତାଙ୍କୁ ଅମଲାପ ନିକଟରୁ ଜୋର ଜବରଦସ୍ତ ଏକ ଗାଡ଼ିରେ ଉଠାଇ ନେଇ ଜଗାଙ୍କୁ ମରଣାନ୍ତକ ଆକ୍ରମଣ କରି ରାସ୍ତା କଡରେ ପକାଇ ଚାଲିଯାଇଥିଲେ। ସେହି ରାସ୍ତାଦେଇ ଯାଉଥିବା ଶଗ ସାହିର ଜଣେ ଯୁବକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ସହିତ ଜଗାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ତେବେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଅଧିକ ଚିକିତ୍ସାପାଇଁ ବ୍ରହ୍ମପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଭୋରରୁ ଜଗାଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ନେଇ ନଂ.୨୯୧/୨୪ରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ କନକ ମାଝୀ କହିଛନ୍ତି।

# ଭାରତୀୟ ମଜଦୁର ସଂଘର ଜିଲାସ୍ତରୀୟ ଅଧିବେଶନ




ପାରଳାଖେମୁଣ୍ଡି,୭।୧୦(ଗିରିଧାରୀ ପରିଛା) ଗଜପତି ଜିଲା ଭାରତୀୟ ମଜଦୁର ସଂଘର ବାର୍ଷିକ ଅଧିବେଶନ ସ୍ଥାନୀୟ ଭଣ୍ଡାରୀସାହିସ୍ଥିତ ଉତ୍କଳ ହିତୈଷିଣି ସମାଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶଙ୍କର ଚରଣ ଗୌଡ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଏମ୍‌ଏସ୍‌ର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା, ଅନ୍ୟତମ ଅତିଥିଭାବେ ରାଜ୍ୟ ଉପସଭାପତି ସୁମିତା ମହାପାତ୍ର, ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନର ରାଜ୍ୟ ସାଧାରଣ ସମ୍ପାଦକ କୁଞ୍ଜଲତା ଦାସ ଏବଂ ସର୍ବପନ୍ଥ ସମାଜର ମଞ୍ଚ ସଂଯୋଜକ ଡ. ଭବାନୀ ଶଙ୍କର ଦାସ ଯୋଗ ଦେଇଥିଲେ। ସମ୍ପାଦକ ସୁଜିତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ ସହିତ ଜିଲାର ଶ୍ରମିକମାନଙ୍କ ସମସ୍ୟା,ସାମଧାନ ଓ ସେମାନଙ୍କ ଉନ୍ନତି ସମ୍ପର୍କରେ ଆଲୋଚନା ହୋଇଥିଲା। ସଂଘ ନୂତନ କାର୍ଯ୍ୟକର୍ତ୍ତା ଭାବେ ସଭାପତି ସୁଜିତ ପ୍ରଧାନ, ଉପସଭାପତି ଶଙ୍କର ଚରଣ ଗୌଡ, ଅନ୍ୟତମ ଉପସଭାପତି କୈଳାସ ସାହୁ, ସମ୍ପାଦିକା ଅଞ୍ଜଳି ନାୟକ, ସହସମ୍ପାଦକ ଅଭି ଶବର, ଅନ୍ୟତମ ସହସମ୍ପାଦିକା ଇଶ୍ୱନୀ ଗମାଙ୍ଗ, କୋଷାଧକ୍ଷ ଭାବେ ମୁନା ଜାମ୍ପି, ଆଇନ ପରାମର୍ଶଦାତା ଭାବେ କୈଳାସ ଚନ୍ଦ୍ର ଗୌଡଙ୍କୁ ମନୋନୀତ ହୋଇଥିଲେ। ସେହିପରି ଅଙ୍ଗୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ସଭାନେତ୍ରୀ ଭାବେ କୁନି ଜାନି, ଉପସଭାନେତ୍ରୀ ସୁଜାତା ମାଝୀ ଏବଂ ପ୍ରମୋଦିନୀ ଶବର, ସମ୍ପାଦିକା ପୁଷ୍ପାଞ୍ଜଳି ପଣ୍ଡା ଏବଂ ସହସମ୍ପାଦିକା ରୂପେ ସସ୍ମିତା ଭୂୟାଁ ଏବଂ ଆରତି ପାଣି, କୋଷାଧକ୍ଷା ଭାବେ ଶଶୀରେଖା ନାୟକ ଏବଂ ସହକୋଷାଧକ୍ଷା ଭାବେ ସଞ୍ଜୁକ୍ତା ପଲାଇ ପ୍ରମୁଖଙ୍କୁ ଚୟନ କରାଯାଇଥିଲା।

# ଗଳାକାଟି ଯୁବକଙ୍କୁ ହତ୍ୟା, ୨ ଗିରଫ

ହିଞ୍ଜିଳିକାଟୁ, ୭।୧୦(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳି ଥାନା ବଡ଼ଖଣ୍ଡି ଗ୍ରାମ ଜଗନ୍ନାଥ ମନ୍ଦିର ନିକଟରେ ରବିବାର ରାତିରେ ପୂର୍ବ ଶତ୍ରୁତାରୁ ବ୍ରହ୍ମପୁର ସଦର ଥାନା ସାତପାଣ୍ଡିଆ ଗ୍ରାମର କେ. ରାଜେନ୍ଦ୍ର ରେଡ୍ଡୀ ଓରଫ ରାଜୁଙ୍କୁ ଗଳାକାଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ହିଞ୍ଜିଳି ପୋଲିସ ସାତପାଣ୍ଡିଆ ଗ୍ରାମର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବି. ସୁବ୍ରତ ରେଡ୍ଡୀ ଓ ଏସ. ଶିବରାମ ରେଡ୍ଡୀ। ହତ୍ୟାକାଣ୍ଡ ପରେ ବାଇକ୍‌ରେ ଅଭିଯୁକ୍ତ ସୁବ୍ରତ ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହେବାରୁ ଧରା ପଡ଼ିଯାଇଥିଲେ। ଅଭିଯୁକ୍ତଦ୍ୱୟଙ୍କଠାରୁ ହତ୍ୟାରେ ବ୍ୟବହୃତ ଏକ ଛୁରି, ମୋବାଇଲ ଫୋନ, ୨ଟି ବାଇକ ପୋଲିସ ଜବତ କରିଛି । ଉଭୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ସାତପାଣ୍ଡିଆ ଗ୍ରାମର ରାଜେନ୍ଦ୍ରଙ୍କ ସହ ସୁବ୍ରତ ଓ ଶିବରାମଙ୍କ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ୨୦୧୯ ଓ ୨୦୨୧ରେ ହୋଇଥିବା ଗଣ୍ଡଗୋଳରେ ବ୍ରହ୍ମପୁର ସଦର ଥାନାରେ ୨ଟି ମାମଲା ରୁଜୁ କରି ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ରବିବାର ରାତିରେ ସୁବ୍ରତ ଓ ଶିବରାମ ଦୁହେଁ ମିଶି ରାଜେନ୍ଦ୍ରଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ । ରାଜେନ୍ଦ୍ର ବ୍ରହ୍ମପୁରରୁ କାର୍ଯ୍ୟ ସାରି ବାଇକରେ ଗାଁକୁ ଫେରୁଥିବା ବେଳେ ସୁବ୍ରତ ଓ ଶିବରାମ ହିଞ୍ଜିଳି ଥାନା ବଡଖଣ୍ଡି ଜଗନ୍ନାଥ ମନ୍ଦିର ନିକଟସ୍ଥ ଏକ ନିକାଞ୍ଚନ ଜାଗାରେ ଅଟକାଇ ତାଙ୍କ ଗଳାକାଟି ହତ୍ୟା କରି ନିକଟସ୍ଥ ଏକ ଧାନ ଜମିରେ ମୃତଦେହ ଫୋପାଡ଼ି ଚାଲି ଯାଇଥିଲେ। ମୁଖ୍ୟ ଅଭିଯୁକ୍ତ ସୁବ୍ରତ ବାଇକରେ ଚମ୍ପଟ ମାରୁଥିବା ବେଳେ ପୋଚିଲିମା ଛକ ନିକଟରେ ଏକ ଗାଡ଼ି ସହ ଧକ୍କା ହେବାରୁ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଡାକ୍ତରଖାନା ନେବାକୁ ବାହାରିବାରୁ ସେ ଗାଳିଗୁଲଜ କରିଥିଲେ। ଉଦ୍ଧାରକାରୀ ଏ ନେଇ ହିଞ୍ଜିଳି ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ଆହତଙ୍କୁ ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ହତ୍ୟାକାଣ୍ଡ ସମ୍ପର୍କରେ ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଘଟଣା ସ୍ଥଳକୁ ଆସିକା ଏସ୍‌ଡିପିଓ, ବ୍ରହ୍ମପୁର ସଦର, ହିଞ୍ଜିଳି ଓ ଶେରଗଡ଼ ଥାନା ପୋଲିସ ପହଞ୍ଚି ତଦନ୍ତ କରିଛନ୍ତି। ସୋମବାର ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି। ମୃତକ ରାଜେନ୍ଦ୍ରଙ୍କ ସ୍ତ୍ରୀ କେ. ସୁକାନ୍ତି ରେଡ୍ଡୀଙ୍କ ଅଭିଯୋଗ କ୍ରମେ ହିଞ୍ଜିଳି ଥାନାରେ ନଂ. ୮୩୬/୨୪ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

# ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତାରେ ପ୍ରତିଭା ପ୍ରଦର୍ଶନ କଲେ ଛାତ୍ରୀଛାତ୍ର


ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ଆର,ଉଦୟଗିରି,୭।୧୦ (ମନୋଜ କୁମାର ପାଢ଼ୀ): ଗଜପତି ଜିଲା ଆର. ଉଦୟଗିରି ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କେ. ଏମ. ଭାଲିଆସାହି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ବୀରେନ୍ଦ୍ର ମଣ୍ଡଳଙ୍କ ଅନୁମୋଦନ ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୁଧିଷ୍ଠିର ବେହେରା ଓ ଶ୍ରୀନିବାସ ବେହେରଦଳାଇଙ୍କର ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦଳବେହେରା ପରିଚାଳନା କରିଥିଲେ। ବିଡିଓ ଲରିମନ ଖର୍ସେଲ ମୁଖ୍ୟ ଅତିଥି ଓ ବ୍ଲକ ଚେୟାରମ୍ୟାନ ଲକ୍ଷ୍ମୀନାରାୟଣ ଶବର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସୁରଭିରେ ପିଲାମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ପରି ପ୍ରକାଶ ପାଇଁ ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କେ. ଏମ. ଭାଲିଆସାହି ଉଚ୍ଚ ବିଦ୍ୟାଳୟରୁ ୪ ଛାତ୍ରୀ ଏବଂ ଜଣେ ଛାତ୍ର ଜିଲାସ୍ତରୀୟ ସୁରଭିକୁ ମନୋନୀତ ହୋଇଛନ୍ତି। ଏହି ଅବସରରେ ପୂର୍ବରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ପ୍ରଦୀପ କୁମାର ପଣ୍ଡା, ଗୋବିନ୍ଦ ମହଙ୍କୁଡ ଏବଂ ବୃନ୍ଦାବନ ଦଳାଇଙ୍କୁ ବିଦ୍ୟାଳୟ ତରଫରୁ ସମ୍ମାନିତ କରାଯାଇଥିଲା।

**ବ୍ଲକସ୍ତରୀୟ ସୁରଭି**

ଧରାକୋଟ/ସୋରଡା/ଶେରଗଡ/ ଦିଗପହଣ୍ଡି/ଟିକିଟି,୭।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ/ ରଜନୀ ମହାପାତ୍ର/ ସୂର୍ଯ୍ୟ ନାରାୟଣ ଦାଶ/ ଅଶେଷ ନାଥ ମିଶ୍ର/ପ୍ରକାଶ ଚନ୍ଦ୍ର ସାହୁ) ଧରାକୋଟ ବ୍ଲକ ବେଠୁଆରସ୍ଥିତ ଘୋଡାଦେଇ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭି ବିଇଓ ଲିଙ୍ଗରାଜ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ମମତା କୁମାରୀ ଦେବୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ବିଡିଓ ଡେନିସ ବେହେରା, ମୁଖ୍ୟବକ୍ତା ତହସିଲଦାର ଲମ୍ବୋଦର ମାରାଣ୍ଡି, ସମ୍ମାନିତ ଅତିଥି ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ, ଅଗ୍ନିଶମ ଅଧିକାରୀ ଚିତ୍ତରଞ୍ଜନ ସାହୁ, ଏବିଇଓ ପ୍ରଦୀପ ଶତପଥୀ, ସୀମାଞ୍ଚଳ ବେହେରା, ବିଭୂତି ଭୂଷଣ ପାତ୍ର, ବିଦ୍ୟାଳୟ ସଭାପତି ରାମଚନ୍ଦ୍ର ବିଶୋୟୀ ଉପସ୍ଥିତ ଥିଲେ। ଏଥିରେ ୧୪ଟି କ୍ଲଷ୍ଟରର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତା ଅଂଶଗ୍ରହଣ କରିଥିଲେ। ସୋରଡାରେ ବ୍ଲକସ୍ତରୀୟ ସୁରଭି ଶଶୀ ଭୂଷଣ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରିୟଦର୍ଶିନୀ ନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମକୁ ବିଧାୟକ ନୀଳମଣି ବିଶୋୟୀ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ, ବିଡିଓ ବିଜୟ ପ୍ରଧାନ, ପ୍ରଧାନ ଶିକ୍ଷକ ପ୍ରଜ୍ଞା ପ୍ରିୟଦର୍ଶିନୀ ବାରିକ, ଅତିରିକ୍ତ ଶିକ୍ଷାଧିକାରୀ ସୁଶିଳା ପାତ୍ର ଅତିଥି ରୂପେ ଉପସ୍ଥିତ ଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୋରଡା ବ୍ଲକର ୪ ଜଣ ଜିଲା ପରିଷଦ ସଦସ୍ୟ, ଗୋଷ୍ଠୀ ଶିକ୍ଷାଧିକାରୀ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶେରଗଡରେ ବ୍ଲକ୍‌ସ୍ତରୀୟ ସୁରଭି ଖମାର କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟରେ ହୋଇଛି। ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଥିଲେ। ବିଇଓ ଉପେନ୍ଦ୍ର ପାଢୀ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ସୈରନ୍ଧ୍ରୀ ଦଳେଇ, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଶାନ୍ତ ଡାକୁଆ, ରାମଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଯୋଗ ଦେଇଥିଲେ। ପ୍ରତିଯୋଗିତାରୁ ୩୦ ଜଣ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ସୁରଭିକୁ ମନୋନୀତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଡିଓ ଶିବାଶିଷ ବରାଳ, ସରପଞ୍ଚ ଗୁକୁନା ଦାସ, ବନ୍ଧାଗୁଡା ଜଗନ୍ନାଥ ବିଦ୍ୟାପୀଠ ପ୍ରଧାନଶିକ୍ଷକ ଅଶୋକ ହୋତା, ଡିଙ୍କିଶାଳ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଇନ୍ଦ୍ରମଣି ସ୍ୱାଇଁ, ସିଆରସିସି ଆଲୋକ ଷଡଙ୍ଗୀ, ଭଗବାନ ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ ଖବରଦାତା ସୂର୍ଯ୍ୟ ନାରାୟଣ ଦାଶ, ଅଖିଳ ପଟ୍ଟନାୟକ, ଶ୍ରୀପଦ ଦାଶ, ମେଘନାଦ ଦାସ, ସନ୍ତୋଷ ପାଣି, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀଙ୍କୁ ସମ୍ମାନିତ କରାଯାଇଥିଲା।

ଦିଗପହଣ୍ଡିରେ ସୁରଭି ସିଦ୍ଧେଶ୍ୱର ଗ୍ରାମ ନୋଡାଲ ହାଇସ୍କୁଲରେ ଅନୁଷ୍ଠିତ ହୋଇଛି। ବ୍ଲକ ଶିକ୍ଷାଧିକାରୀ କୋରେଶ ସେଠୀଙ୍କ ସଭାପତିତ୍ୱ କରିଥିଲେ। ତହସିଲଦାର ଅନିତା କୁମାରୀ ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ, ଖେମୁଣ୍ଡି ଓକିଲ ସଂଘ ସଭାପତି ହରପ୍ରସାଦ ରଥ, ସରପଞ୍ଚ ବିଜୟ ପ୍ରଧାନ, ଏବିଇଓ ବାଲା ମାଝୀ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଇ. ଗଣେଶ ପାତ୍ର, ଏନପିଏସ୍ ଶିକ୍ଷକ ସଂଘ ସଭାପତି ରାଜେନ୍ଦ୍ର ଗୌଡ, ଖବରଦାତା ସଞ୍ଜୀବ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

ଟିକିଟି ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ସରକାରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଡିଓ ଲକ୍ଷ୍ମଣ ଶୁରେନ, ସମ୍ମାନିତ ଅତିଥି ଏନଏସି ନିର୍ବାହୀ ଅଧିକାରୀ କୁଳଦୀପ କୁମାର, ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀ, ବିଇଓ ବସନ୍ତ ପଣ୍ଡା, ଏବିଇଓ ନିଗମାନନ୍ଦ ପଣ୍ଡା ଓ ସୀମାଞ୍ଚଳ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ୧୨ଟି କ୍ଲଷ୍ଟରରୁ ୩୮୪ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଜିଲା ସ୍ତରକୁ ମନୋନୀତ କରାଯାଇଥିଲା।

# ୨ ବର୍ଷରେ ୩୦ହଜାର ଚାଷୀଙ୍କଠୁ କିଣାଯାଇନି ଧାନ

## ଚଳିତବର୍ଷ ୧.୪୬ ଲକ୍ଷ ଚାଷୀ ପଞ୍ଜୀକୃତ

ଛତ୍ରପୁର,୭।୧୦(ସନ୍ତୋଷ ପାଢୀ):

ଚଳିତବର୍ଷ ଗଞ୍ଜାମ ଜିଲାର ୧ଲକ୍ଷ ୪୬ ହଜାର ୫୦୪ ଜଣ ଚାଷୀ ଖରିଫ ଧାନ ସରକାରୀ ସଂସ୍ଥାକୁ ବିକ୍ରି କରିବେ । ଯାଞ୍ଚ ପରେ ସରକାରଙ୍କ ପକ୍ଷରୁ ଏହି ତାଲିକା ପ୍ରକାଶ ପାଇଛି । ଚଳିତବର୍ଷ ଖରିଫ ଧାନ ବିକିବା ପାଇଁ ଜୁଲାଇ ୧୫ ତାରିଖରେ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଥିଲା । ଅବଧି ଅଗଷ୍ଟ ୧୫ ତାରିଖରେ ସରିଥିଲା । ମାତ୍ର ବହୁ ଚାଷୀ ପଞ୍ଜୀକରଣ କରିପାରି ନ ଥିବାରୁ ଚାଷୀ ସଂଗଠନ ପକ୍ଷରୁ ଅବଧି ବୃଦ୍ଧି ପାଇଁ ଦାବି କରାଯାଇଥିଲା । ପରେ ଅଗଷ୍ଟ ୨୮କୁ ଚାଷୀ ପଞ୍ଜୀକରଣ ଅବଧି ବୃଦ୍ଧି ହୋଇଥିଲା । ଗତବର୍ଷ ଜିଲାର ୧ ଲକ୍ଷ ୪୬ ହଜାର ୫୪୧ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ । ସେଥିରୁ ୧୦ ହଜାର ଚାଷୀ ଧାନ ବିକିବାରୁ ବଞ୍ଚିତ ହୋଇଥିଲେ । ସେହିପରି ୨୦୨୧-୨୨ ବର୍ଷରେ ୧ ଲକ୍ଷ ୩୧ ହଜାର ଚାଷୀ ପଞ୍ଜୀକୃତ ହୋଇଥିବାବେଳେ ୨୦ ହଜାର ଚାଷୀ ଧାନ ବିକି ପାରି ନ ଥିଲେ । ଗତ ୨ ବର୍ଷରେ ୩୦ ହଜାର ଚାଷୀଙ୍କ ଠାରୁ ସରକାର ଧାନ କିଣିବାରେ ବିଫଳ ହୋଇଥିଲେ। ଠିକ୍ ସମୟରେ ସମିତି ଗୁଡିକ ଧାନ କିଣୁ ନ ଥିବାରୁ ଏଭଳି ସମସ୍ୟା ହେଉଛି। କୃଷି ବିଭାଗର ତଥ୍ୟ ଅନୁସାରେ ଜିଲାରେ ୭.୫ ଲକ୍ଷ ଚାଷୀ ଓ ଭାଗ ଚାଷୀ ରହିଛନ୍ତି। ତେବେ ଚଳିତ ବର୍ଷ ଭାଗ ଚାଷୀ ମାନେ ଧାନ ବିକିବା ପାଇଁ ପଞ୍ଜୀକୃତ ହୋଇ ପାରିନାହାନ୍ତି। କଡା ନିୟମ ଥିବା ଯୋଗୁଁ ଏପରି ସ୍ଥିତି ଦେଖାଦେଇଛି । ମିଳିଥିବା ସୂଚନା ଅନୁସାରେ ଜିଲାରେ ୪୯୫ ପ୍ରାଥମିକ କୃଷି ସମବାୟ ସମିତି ମଧ୍ୟରୁ ୩୬୫ ଟି ସମିତି ଚାଷୀଙ୍କ ଠାରୁ ଧାନ କିଣିବେ । ସେହିପରି ୧୧୭ ମହିଳା ସ୍ୱୟଂ ସହାୟିକା ସଂଘ ଓ ଗୋଟିଏ ପାଣି ପଞ୍ଚାୟତ ମଧ୍ୟ ଚାଷୀଙ୍କ ଠାରୁ ଧାନ କିଣିବେ ବୋଲି ଚୂଡାନ୍ତ ହୋଇଛି । ଜିଲାରେ ଥିବା ସମସ୍ତ ସମବାୟ ସମିତି ଧାନକିଣା ପ୍ରକ୍ରିୟାରେ ସାମିଲ ହେଉ ନ ଥିବାରୁ ମଧ୍ୟ ସମସ୍ୟା ଦେଖାଦେଉଛି ।

## ଯୁବକଙ୍କୁ ଆକ୍ରମଣ ଅଭିଯୋଗ

ବ୍ରହ୍ମପୁର,୭।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଗୋସାଇଁନୂଆଗାଁ ମଙ୍ଗଳା ମନ୍ଦିର ଛକଠାରେ ଜଣେ ଯୁବକଙ୍କୁ ଗାଳିଗୁଲଜ ଓ ଆକ୍ରମଣ କରାଯାଇଛି । ଟଙ୍କା ନେଣଦେଣ ହିଁ ଏହାର କାରଣ ହୋଇଛି । ଆକ୍ରମଣରେ ସଂପୃକ୍ତ ଯୁବକଙ୍କ ୨ ଭାଇ ସାମିଲ ଅଛନ୍ତି। ମନ୍ଦିର ସାହିର ବଳରାମ ସାମନ୍ତରାୟଙ୍କୁ ତାଙ୍କ ଦୁଇ ଭାଇ ମଙ୍ଗଳା ମନ୍ଦିର ଛକକୁ ଡାକିଥିଲେ । ସେଠାରେ ସେମାନେ ବଳାରାମଙ୍କୁ ଟଙ୍କା ମାଗିଥିଲେ । ଟଙ୍କା ଦେବାକୁ ଅସମର୍ଥ କହିବାରୁ ତାଙ୍କୁ ଗାଳିକରି ଆକ୍ରମଣ କରିଥିଲେ ବୋଲି ବଳରାମଙ୍କ ସ୍ତ୍ରୀ ଶିବାନୀ ସାମନ୍ତରାୟ ଗୋସାଇଁନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ ସହ ତଦନ୍ତ କରୁଛି।

## ପୂର୍ବତନ ବାୟୁ ସେନା କର୍ମଚାରୀଙ୍କ ଠାରୁ ୨୬ ଲକ୍ଷ ଠକେଇ ମାମଲା: ମୁଖ୍ୟ ଅଭିଯୁକ୍ତଙ୍କ ଜାମିନ ଖାରଜ

ବ୍ରହ୍ମପୁର, ୭।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଜଣେ ଅବସରପ୍ରାପ୍ତ ବାୟୁ ସେନା କର୍ମଚାରୀଙ୍କ ଠାରୁ ୨୬ ଲକ୍ଷ ଠଙ୍କା ଠକେଇ ଘଟଣାରେ କଟକ କ୍ରାଇମବ୍ରାଞ୍ଚ ଗତ ଅଗଷ୍ଟ ୫ ତାରିଖରେ ସାଇବର ଠକେଇରେ ସଂପୃକ୍ତ ଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଖୋର୍ଦ୍ଧା ଜିଲା ମଞ୍ଚେଶ୍ୱର ଥାନା ଅଞ୍ଚଳର ପ୍ରଶାନ୍ତ କୁମାର ନାୟକ(୩୦) ଓ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଚକାପାଦର ଦିବ୍ୟଜ୍ୟୋତି ରଥ(୪୮)। ମଙ୍ଗଳବାର କ୍ରାଇମବ୍ରାଞ୍ଚ ଉଭୟ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଆଣି ଏସଡିଜେଏମ କୋର୍ଟରେ ହାଜର କରି ଜେଲ ପଠାଇଥିଲା। ସେହିପରି ଗତ ଅଗଷ୍ଟ ୯ତାରିଖରେ ଅନ୍ୟଜଣେ ଅଭିଯୁକ୍ତ ଆଶିଷ କୁମାର ଦଳ ସିଂ ରାୟଙ୍କୁ ମଧ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୂର୍ବରୁ ଗତ ଅଗଷ୍ଟ ୨୮ ତାରିଖରେ ଅଭିଯୁକ୍ତ ପ୍ରଶାନ୍ତ ନାୟକଙ୍କ ଜାମିନ ଖାରଜ ହୋଇଥିଲା। ସୋମବାର ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ କୁମାର ନାୟକଙ୍କ ଜାମିନ ପାଇଁ ତାଙ୍କ ଓକିଲ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଆବେଦନ କରିଥିଲେ। ଉକ୍ତ ଜାମିନର ଶୁଣାଣି ବେଳେ ସରକାରୀ ଓକିଲ ରଜତ କୁମାର ଦାଶ ଏହାର ଦୃଢ଼ ବିରୋଧ କରିଥିଲେ। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡ. ଅରୁଣ କୁମାର ସାହୁ ଉକ୍ତ ଜାମିନକୁ ଖାରଜ କରିଦେଇଛନ୍ତି। ଏନେଇ ସରକାରୀ ଓକିଲ ସୂଚନା ଦେଇଛନ୍ତି। ବ୍ରହ୍ମପୁର ସହରର ଅଳକାପୁରୀର ଅବସରପ୍ରାପ୍ତ ବାୟୁ ସେନା କର୍ମଚାରୀ ସନ୍ତୋଷ କୁମାର ବିଶ୍ୱାଳଙ୍କ ନିକଟକୁ ମୁମ୍ବାଇର କୋରିୟର କମ୍ପାନୀରୁ କହୁଛି ବୋଲି ଜଣେ ଯୁବତୀ ଫୋନ କରିଥିଲେ। ବିଦେଶରୁ ଏକ ପାର୍ସଲ ତୁମ ନାମରେ ଆସିଛି ଓ ସେଥିରେ ନିଶାଦ୍ରବ୍ୟ, ୫ଟି ପାସପୋର୍ଟ, ଲାପଟପ ରହିଛି। ଏହି କଲଟିକୁ ମୁମ୍ବାଇ କ୍ରାଇମବ୍ରାଞ୍ଚକୁ ଟ୍ରାନ୍ସଫର କରାଯାଉଛି ଏବଂ ସେଠାକାର ଅଧିକାରୀ ତାଙ୍କୁ ଜେରା କରିବେ ବୋଲି କୁହାଯାଇଥିଲା। ଏହାପରେ ସାଇବର ଠକମାନେ ସିବିଆଇ ଓ ଅନ୍ୟାନ୍ୟ ଅଧିକାର ପରିଚୟ ଦେଇ ଜେରା କରିଥିଲେ। ସନ୍ତୋଷଙ୍କ ନାଁରେ ଥିବା ଏଚଡିଏଫସି ଆକାଉଣ୍ଟ ଜରିଆରେ ବିଦେଶରୁ ଟଙ୍କା ଦେଣନେଣ ହୋଇଛି। ଏଥିପାଇଁ ପ୍ରଚୁର ଟଙ୍କା ଜମା କରିବାକୁ ପଡିବ ବୋଲି କହି ସାଇକ୍ରିଷ୍ଟା ଟ୍ରେଡର୍ସ ନାମରେ ଏକ ବ୍ୟାଙ୍କ ଆକାଉଣ୍ଟ ଦେଇଥିଲେ। ଟଙ୍କା ଜମା କଲେ ଆରବିଆଇ ପକ୍ଷରୁ କ୍ଲିଏରାନ୍ସ ମିଳିବ ବୋଲି କହିଥିଲେ। ସେହିକ୍ରମରେ ସନ୍ତୋଷ ବ୍ରହ୍ମପୁରର ଏକ ଷ୍ଟେଟବ୍ୟାଙ୍କକୁ ଯାଇ ୨୬ ଲକ୍ଷ ୧୦ ହଜାର ୫୧୫ ଟଙ୍କା ଜମା କରି ଠକେଇର ଶିକାର ହୋଇଥିଲେ। ପରେ ସେ ଏନେଇ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ।

## ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ


ସିଦ୍ଧାର୍ଥଙ୍କ ମରଶରୀରକୁ ରାଷ୍ଟ୍ରୀୟ ସମ୍ମାନ ଦିଆଯାଉଛି।

ବ୍ରହ୍ମପୁର,୭।୧୦(ସ୍ୱାଧୀନ ଶେଖର ପାଢ଼ୀ)

ଗୋପାଳପୁର ଥାନା ଡ଼ିଗିପୁର ଗ୍ରାମରେ କେ. ସିଦ୍ଧାର୍ଥ ରାଓ(୩୬) ନାମକ ଜଣେ ଆର୍ମି ଯବାନ (ହାବିଲଦାର)ଙ୍କ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସିଦ୍ଧାର୍ଥ ନୂଆଦିଲ୍ଲୀ ଆର୍ମି ରେଜିମେଣ୍ଟରେ ହାବିଲଦାର ଥିଲେ। ତାଙ୍କୁ ପୁନେ ରେଜିମେଣ୍ଟକୁ ବଦଳି ହୋଇଥିବାରୁ ସେ ଚଳିତ ମାସ ୧ ତାରିଖରୁ ଛୁଟିରେ ଘରକୁ ଆସିଥିଲେ। ଆସନ୍ତା ୨୯ ତାରିଖରେ କାର୍ଯ୍ୟରେ ଯୋଗ ଦେବାର ଥିଲ। ରବିବାର ସିଦ୍ଧାର୍ଥ ନିଜ ବୁଲେଟରେ ଡ଼ିଗିପୁର ଠାରୁ ବ୍ରହ୍ମପୁର ଯାଉଥିବା ବେଳେ ଲାଞ୍ଜିପଲ୍ଲୀ ନିକଟରେ ଏକ ଟ୍ରକ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୋମବାର ମୃତ ଯବାନଙ୍କ ଶବ ବ୍ୟବଚ୍ଛେଦ ପରେ ଶୋଭାଯାତ୍ରାରେ ତାଙ୍କ ଗାଁରେ ପହଞ୍ଚିଥିଲା। ଗାଁ ଶ୍ମଶାନରେ ଗୋଳାବନ୍ଧ ଆର୍ମି ଏ. ଡ଼ି କଲେଜ ପକ୍ଷରୁ ମର ଶରୀରରେ ଜାତୀୟ ପତାକା ପକାଇ ଗାର୍ଡ ଅଫ ଅନର ଦିଆଯାଇଥିଲା। ପରେ ଜାତୀୟ ପତାକାକୁ ଧର୍ମପତ୍ନୀ କେ. ଶିଲ୍ପାଙ୍କୁ ହସ୍ତାନ୍ତର କରାଯାଇଥିଲା। ପରେ ମୃତଙ୍କ ସାନ ଭାଇ କେ. କ୍ରୀଷ୍ଣା ମୁଖାଗ୍ନୀ ଦେଇଥିଲେ। ଗୋଳାବନ୍ଧ ଆର୍ମି ଏ. ଡ଼ି କଲେଜ କର୍ମଚାରୀ, ଗୋପାଳପୁର ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ, ଭଞ୍ଜ ବିହାର ଫାଣ୍ଡି ଅଧିକାରୀ ଜେ. ମଲ୍ଲିକ, ବକ୍ସିପଲ୍ଲୀ ସରପଞ୍ଚ ଏ.ନାରସିମୁଲୁ, ସମିତିସଭ୍ୟ ଜୟସେନ ସାହୁ, ପଞ୍ଚୁ ବେହେରା, ଏମ. ଚନ୍ଦ୍ର ଶେଖର, ଶଶୀ ଭୂଷଣ ମହାନ୍ତି ପ୍ରମୁଖ ଶୋକାଞ୍ଜଳି ଅର୍ପଣ କରିଥିଲେ। ମୃତ ଯବାନଙ୍କ ଗୋଟିଏ ୯ ବର୍ଷର ପୁଅ ଓ ୪ ବର୍ଷର ଝିଅ ଅଛନ୍ତି।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଯୁବକ ଅଟକ

ଦିଗପହଣ୍ଡି,୭।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଅଞ୍ଚଳର ଜଣେ ୭ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ଅଭିଯୁକ୍ତ ଯୁବକଙ୍କୁ ସୋମବାର ପୋଲିସ ଅଟକ ରଖି ତଦନ୍ତ ଚଳାଇଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପୀଡ଼ିତା ନାବାଳିକାଙ୍କ ଡାକ୍ତରୀ ମାଇନା କରାଯିବା ପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ତାଙ୍କ ବୟାନ ରେକର୍ଡ କରାଯାଇଛି। ମଙ୍ଗଳବାର ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯିବା ପରେ ବ୍ରହ୍ମପୁର ପୋକ୍ସୋ କୋର୍ଟକୁ ଚାଲାଣ କରାଯିବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ଏସଆଇ ଜ୍ୟୋତି ରଞ୍ଜନ ବେହେରା କହିଛନ୍ତି। ରବିବାର ମଧ୍ୟାହ୍ନରେ ନାବାଳିକାଙ୍କୁ ଏକୁଟିଆ ଦେଖି ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିବାକୁ ଏକ ବୁଦା ମୂଳକୁ ଟାଣି ନେଇଯାଇଥିଲେ। ସେ ପାଟି କରିବାରୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଗ୍ରାମର ଗଣେ ବ୍ୟକ୍ତି ପୋଖରୀକୁ ଯାଉଥିବା ବେଳେ ନାବଳିକାଙ୍କୁ ଦେଖିବାରୁ ଅଭିଯୁକ୍ତ ଜଣକ ଦୌଡ଼ି ପଳାଇଥିଲେ। ନାବାଳିକାଙ୍କୁ ଖୋଜିବା ପାଇଁ ତାଙ୍କ ଦୁଇ ଭାଇ ଘଟଣାସ୍ଥଳରେ ପହଞ୍ଚିବା ପରେ ନାବାଳିକା ଜଣକ କାନ୍ଦି କାନ୍ଦି ସବୁ କଥା କହିଥିଲେ। ରାତି ପ୍ରାୟ ୯ ଟାରେ ନାବାଳିକାଙ୍କ ଭାଇ ଏ ନେଇ ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେଇଥିଲେ।

## ବଳାତ୍କାର ଉଦ୍ୟମ ଅଭିଯୋଗ, ଅଭିଯୁକ୍ତ ଗିରଫ

ଆସିକା,୭।୧୦ (ସୁରେନ୍ଦ୍ର ନାଥ ସାହୁ):

ଆସିକା ଥାନା ଇଲାକାରେ ରବିବାର ଅପରାହ୍ନରେ ଜଣେ ମହିଳାଙ୍କୁ ବଳତ୍କାର ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି । ଘଟଣା ସମ୍ପର୍କରେ ଆସିକା ଥାନାରେ ୬୦୭/୨୪ରେ ଏକ ମାମଲା ରୁଜୁ କରାଯାଇଛି । ସୋମବାର ଦିନ ପୋଲିସ ଏହି ମାମଲାର ଅଭିଯୁକ୍ତ ରବୀନ୍ଦ୍ର ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପିଡିତାଙ୍କୁ ପୋଲିସ ପକ୍ଷରୁ ଡାକ୍ତରୀ ମାଇନା କରାଯାଇଥିଲା ବେଳେ ତାଙ୍କର ବୟାନ ରେକର୍ଡ କରାଯାଇଥିବା ଜଣାଯାଇଛି । ରବିବାର ଅପରାହ୍ନରେ ମହିଳାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ଅଭିଯୁକ୍ତ ଜଣକ ତାଙ୍କ ଘରେ ପଶି ମହିଳାଙ୍କୁ ଟଣା ଓଟରା କରିବା ସହ ବଳତ୍କାର ଲାଗି ଉଦ୍ୟମ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

## ହତ୍ୟା ମାମଲାରୁ ୪ ଅଭିଯୁକ୍ତ ଖଲାସ

ଆସିକା ,୭।୧୦ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନଏସି ଅନ୍ତର୍ଗତ ପୁଡୁଗେଶ୍ୱରପଲ୍ଲୀ ସଂଲଗ୍ନ ଋଷିକୂଲ୍ୟ ନଦୀ ପଠାରେ ୨୦୧୮ ଜୁନ ୧୯ ତାରିଖ ଦିନ ସେହି ଗ୍ରାମର ସାଗର ସ୍ୱାଇଁଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ସୋମବାର ଏହି ମାମଲାର ବିଚାର କରି ଆସିକାର ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ପ୍ରବୀର କୁମାର ଚୌଧୁରୀ ମାମଲାର ୪ଜଣ ଅଭିଯୁକ୍ତଙ୍କୁ ପର୍ଯ୍ୟାପ୍ତ ପ୍ରମାଣ ଅଭାବରୁ ବେନିଫିଟ ଅଫ ଡାଉଟରେ ଖଲାସ ଆଦେଶ ଦେଇଛନ୍ତି। ଖଲାସ ହୋଇଥିବା ଅଭିଯୁକ୍ତମାନେ ହେଲେ ପୁଡୁଗେଶ୍ୱରପଲ୍ଲୀ ଗ୍ରାମର ଅନନ୍ତ ସ୍ୱାଇଁ, ଟୁକୁନା ବାରିକ, ସିଦ୍ଧାନ୍ତ ବାରିକ ଓ ରାଜା ଆଚାର୍ଯ୍ୟ । ସୂଚନାଯୋଗ୍ୟ, ୨୦୧୮ ଜୁନ୍ ୧୯ ତାରିଖରେ ସାଗର ଋଷିକୂଲ୍ୟ ନଦୀରୁ ଗାଧୋଇ ଘରକୁ ଫେରୁଥଲା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅନନ୍ତ ଓ ଟୁକୁନା ତାଙ୍କୁ ଭୁଜାଲିରେ ଆକ୍ରମଣ କରି ହତ୍ୟା କରିଥିଲେ । ଘଟଣା ସମ୍ପର୍କରେ ସାଗରଙ୍କ ମାଆ ସବିତା ସ୍ୱାଇଁ ଆସିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ଏହି ଅଭିଯୋଗକୁ ଭି କରି ଆସିକା ଥାନାରେ ୧୯୬/୧୮ରେ ଏକ ମାମଲା ରୁଜୁ କରାଯାଇଥିଲା । ତତ୍କାଳୀନ ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ମାମଲାର ତଦନ୍ତ କରି ଅଫିଯୁକ୍ତଙ୍କ ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ ପୂର୍ବକ ଅଦାଲତରେ ଦାଖଲ କରିଥିଲେ । ଏହି ମାମଲାରେ ସମୁଦାୟ ୧୭ଜଣ ସାକ୍ଷୀ ସେମାନଙ୍କ ସାକ୍ଷ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବି ଅଜିତ କୁମାର ଚୌଧୁରୀ ଓ ଅନ୍ୟ ଦୁଇଜଣ ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବି ଶରତେନ୍ଦୁ ପଣ୍ଡା ଓ ଗଙ୍ଗାଧର ନାହାକ ମାମଲା ପରିଚାଳନା କରୁଥିଲେ ।

## ଏଡ୍ସ ସଚେତନତା କର୍ମଶାଳା



କାର୍ଯ୍ୟକ୍ରମରେ ମଂଚାସୀନ ଅତିଥି।

ବ୍ରହ୍ମପୁର,୭।୧୦(ସ୍ୱାଧୀନ ଶେଖର ପାଢ଼ୀ)

ଯୁବ ରେଡ୍‌କ୍ରସ, ଜାତୀୟ ସେବା ଯୋଜନା ଏନଏସଏସ ଯୁକ୍ତ ୨ୱିଙ୍ଗ ଓ ଗଞ୍ଜାମ ଜିଲା ଏଡ୍ସ ନିରାକରଣ ଓ ନିୟନ୍ତ୍ରଣ ୟୁନିଟ ପକ୍ଷରୁ ଶଶୀଭୂଷଣରଥ ସରକାରୀ ମହିଳା କଲେଜରେ ସୋମବାର ଏଡ୍ସ ସଚତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ଼ ଚିତ୍ତରଞ୍ଜନ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଚଆଇଭି ଏଡ୍ସର କାରଣ ଓ ଏହାର ନିରାକରଣ ବିଷୟରେ ଛାତ୍ରୀଙ୍କୁ ଅବଗତ କରାଇଥିଲେ। ଜିଲା ଏଡ୍ସ ନିରାକରଣ ଓ ନିୟନ୍ତ୍ରଣ ବିଭାଗର ଅଧିକାରୀ ହେମନ୍ତ ଦାସ ଓ ଡା ସନ୍ତୋଷ କୁମାର ରାଜୁ ଏଡ୍ସ ସଚେତନତା କରାଇଥିଲେ। କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ ଅଧିକାରୀ ଡ଼ ସୁଚିସ୍ମିତା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଆ ବିଭାଗର ଅଧାପକ ସାନ୍ତନୁ କୁମାର ସୁନା ସଭାକାର୍ଯ୍ୟ ପରିଚଳନା କରିଥିଲେ। ଜାତୀୟ ସେବା ଯୋଜନା ଯୁକ୍ତ ୨ର କାର୍ଯ୍ୟକ୍ରମ ଅଧିକାରୀ ଡ଼ ପ୍ରମିଳା ବେଜ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଏଡ୍ସ ନିରାକରଣ ଓ ନିୟନ୍ତ୍ରଣ ବିଭାଗ ପକ୍ଷରୁ ୧୦୯୭ ଏଡ୍ସ ହେଲ୍ପଲାଇନ ନମ୍ବର ଉଦଘାଟିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଧାପିକା ଅଧାପକ ଓ ବହୁ ଛାତ୍ରୀ ଉପସ୍ଥିତ ଥିଲେ।

## ନବରଙ୍ଗପୁର ଡବଲ ମର୍ଡର ମାମଲାର ସାକ୍ଷୀଙ୍କ ବୟାନ ରେକର୍ଡ

ବ୍ରହ୍ମପୁର, ୭।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ନବରଙ୍ଗପୁର ଡବଲ ମର୍ଡର ଘଟଣା ୨୦୨୨ରେ ଘଟିଥିଲା। ଉକ୍ତ ମାମଲାର ବିଚାରଣା ଏବେ ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରା ଜଜ (ଏଡିଜେ)- ୩ ବିବସ୍ୱତ ଗୌତମଙ୍କ କୋର୍ଟରେ ଚାଲିଛି। ହତ୍ୟାର ଶିକାର ପ୍ରଦୀପ ସାହୁଙ୍କ ଭାଇ ପ୍ରବେଶ କୁମାର ସାହୁ ସୋମବାର କୋର୍ଟରେ ୨୩ ତମ ସାକ୍ଷୀ ଭାବେ ହାଜର କରାଯାଇଥିଲା। ଖବର ପାଇ ଗାଁ ଦାଣ୍ଡରେ ଗୁରୁତର ଅବସ୍ଥାରେ ଛଟପଟ ହେଉଥିବା ଭାଇ ପ୍ରଦୀପ ଓ ତାଙ୍କ ସାଙ୍ଗ ବାବୁ ଗୌଡ଼ଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ଅଣାଯାଇଥିଲା। ସେଠାରେ ଡାକ୍ତର ବାବୁ ଗୌଡ଼ଙ୍କ ମୃତ୍ୟୁ ଘୋଷଣା କରିଥିଲେ। ସେହିପରି ଗୁରୁତର ଭାଇଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ସେଠାରେ ୫ ଦିନ ଚିକିତ୍ସା ହେବା ପରେ ଭାଇଙ୍କ ମୃତ୍ୟୁ ଘଟିଥିବା ସମ୍ପର୍କରେ ପ୍ରବେଶ ତାଙ୍କ ବୟାନରେ କହିଥିଲେ । ଯାହାକି ରେକର୍ଡ କରାଯାଇଛି। ଉକ୍ତ ମାମଲାର ପରବର୍ତ୍ତୀ ବିଚାରଣା ଆସନ୍ତା ୨୨ ତାରିଖରେ ହେବ ବୋଲି କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଛି। ଏଥିରେ ମୋଟ ୪୬ ସାକ୍ଷୀ ବିଚାରଣା ହେବେ ବୋଲି ସରକାରୀ ଓକିଲ ସୂଚନା ଦେଇଛନ୍ତି। ରାଜନୈତିକ ହିଂସାକୁ କେନ୍ଦ୍ର କରି ୨୦୨୨ ମେ ୨୯ତାରିଖ ରାତି ୯ଟାରେ ନବରଙ୍ଗପୁର ଗ୍ରାମରେ ପ୍ରଦୀପ ସାହୁ ଓ ତାଙ୍କ ସାଙ୍ଗ ବାବୁ ଗୌଡ଼ଙ୍କୁ ଗାଁଦାଣ୍ଡରେ ଅତିବିଭତ୍ସ ଭାବେ ହତ୍ୟା କରାଯାଇଥିଲା।

## ଯୌତୁକ ଦାବିରେ ମହିଳାଙ୍କୁ ନିର୍ଯାତନା, ଥାନାରେ ମାମଲା

ବ୍ରହ୍ମପୁର,୭।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଯୌତୁକ ଦାବିରେ ଜଣେ ମହିଳାଙ୍କୁ ତାଙ୍କ ଶାଶୂଘର ଲୋକେ ନିର୍ଯାତନା ଦେଇଛନ୍ତି। ବାପଘରୁ ଅଧିକ ୯ ଲକ୍ଷ ଟଙ୍କା ନଆଣିଲେ ପରିଣାମ ଭୟାବହ ହେବ ବୋଲି ତାଙ୍କ ସ୍ୱାମୀ ଚେତବାନୀ ମଧ ଦେଇଛନ୍ତି । ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ମହିଳା ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଗତ ଫେବୃଆରୀ ମାସରେ ଅଭିଯୋଗକାରୀ ମହିଳାଙ୍କ ବିବାହ ଗାନ୍ଧୀନଗର ୧୦ମ ଲାଇନ ଜଣେ ଯୁବକଙ୍କ ସହ ହୋଇଥିଲା। ବିବାହ ବେଳେ ମହିଳାଙ୍କ ପରିବାର ପକ୍ଷରୁ ନଗଦ ୨ ଲକ୍ଷ ଟଙ୍କା, ସୁନା ଅଳଙ୍କାର ଓ ଘରକରଣା ଦିଆଯାଇଥିଲା। କିଛି ଦିନ ପରେ ତାଙ୍କ ଶାଶୂଘର ଲୋକେ ଆଉ ୯ ଲକ୍ଷ ଟଙ୍କା ଅଧିକ ଯୌତୁକ ଆଣିବାକୁ ବାଧ କରିଥିଲେ । ଅକ୍ଷମତା ପ୍ରକାଶ କରିବାରୁ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଇଥିଲା । ମହିଳାଙ୍କ ବାପଘର ଲୋକଙ୍କ ହସ୍ତକ୍ଷେପ ପରେ ମଧ ଶାଶୂଘର ଲୋକେ ଶୁଣି ନଥିଲେ । ଟଙ୍କା ନଆଣିଲେ ଜୀବନରେ ମାରି ଦେବେ ବୋଲି ତାଙ୍କ ସ୍ୱାମୀ ଧମକ ଦେଇଥିଲେ । ଫଳରେ ମହିଳା ଜଣଙ୍କ ନିଜ ବାପଘରକୁ ଚାଲି ଯାଇଥିଲେ । ପରେ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ ।

## ବାଲିପଦର ଆଞ୍ଚଳିକ ବିଜ୍ଞାନ କଲେଜରେ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ବୁଗୁଡ଼ା/ବାଲିପଦର,୭।୧୦
(କାଳିଚରଣ ଦାଶ/ବିଶିକେଶନ ସ୍ୱାଇଁ)



ମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି ।

ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମତ୍ସ୍ୟ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛ। ଆୟୋଜିତ ସଭାରେ ମହାବିଦ୍ୟାଳୟ ଅଧକ୍ଷ ସରୋଜକାନ୍ତ ଦାସ ସଭାପତିତ୍ୱ କରିଥିଲେ। ପ୍ରାଧ୍ୟାପକ ଡ. ଦିଲ୍ଲୀପ କୁମାର ପ୍ରଧାନ, ଡ. ଶିଶିର କୁମାର ନାୟକ, ବିଭୂତି ଭୂଷଣ ବେବର୍ତ୍ତା, କିଶୋର ଚନ୍ଦ୍ର ପଣ୍ଡା, ସ୍ମିତା ରାଣୀ ସାହୁ, ସୁଶାନ୍ତ କୁମାର ପଣ୍ଡା, ସୁଜାତା କୁମାରୀ ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ସ୍ୱାଗତ ସମାରୋହ ପୂର୍ବରୁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଧାପକ ଭାବଗ୍ରାହୀ ପଣ୍ଡା, ଜ୍ଞାନ ଚାନ୍ଦ ଗୌଡ, ସଞ୍ଜୟ କୁମାର ପାତ୍ର, ସଞ୍ଜୟ କୁମାର ବିଷୋୟୀ, ଲକ୍ଷ୍ମୀପ୍ରିୟା ମହାରଣା, ଯଶସ୍ୱିନୀ ଗୌଡ, କାବେରୀ ବିଷୋୟୀ, ଉମାଶଙ୍କର ଗୌଡ ସହଯୋଗ କରିଥିଲେ। ମନ୍ତ୍ରୀ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଶିକ୍ଷା ସହିତ ଉତ୍ତମ ଚରିତ୍ର ଗଠନ କରିବାକୁ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧାପକ କାହ୍ନୁଚରଣ ଦାସ, ପ୍ରଦ୍ୟୁମ୍ନ କୁମାର ପାଢ଼ୀ ପରିଚାଳନା କରିଥିଲେ।

## ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ବାଚସ୍ପତି

ବ୍ରହ୍ମପୁର,୭।୧୦(ନରସିଂହ ସାହୁ):

ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଦିନିକିଆ ଗସ୍ତରେ ଆସି ବ୍ରହ୍ମପୁର ଓ ଶିହଳାରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଗିରିରୋଡସ୍ଥ ଏକ କଲ୍ୟାଣ ମଣ୍ଡପରେ ହୋଇଥିବା ପାଢ଼ୀ (ପାଢ଼ିଆ) ବ୍ରାହ୍ମଣ ସଂଘ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଶିହଳା ଠାରେ ହୋଇଥିବା ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ହୋଇଥିଲେ। ଶିହଳା ହେଉଛି ସୁରମାଙ୍କ ବାପଘର ଓ ଜନ୍ମ ସ୍ଥାନ। ସୁରଭି କାର୍ଯ୍ୟକ୍ରମରେ ମନ୍ତ୍ରୀ ବିଭୂତି ଜେନା ମଧ ଯୋଗ ଦେଇଥିଲେ। ବାଚସ୍ପତି ଗୋଳନ୍ଥରାସ୍ଥିତ ମନ୍ତ୍ରୀ ବିଭୂତିଙ୍କ ଗ୍ରାମରେ ମା' ଠାକୁରାଣୀଙ୍କୁ ଦର୍ଶନ କରିଥିଲେ। ବନ୍ଦେ ମାତରମ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଧ ସୁରମା ଯୋଗ ଦେଇଥିଲେ। ବାଚସ୍ପତି ହେବା ପରେ ପୈତୃକ ଗ୍ରାମ ଶିହଳାକୁ ସୁରମାଙ୍କ ଏହା ଥିଲା ପ୍ରଥମ ଗସ୍ତ।

## ବନ୍ୟପ୍ରାଣୀ ସପ୍ତାହରେ ପ୍ରକୃତି ମିତ୍ର, ପ୍ରକୃତି ବନ୍ଧୁ ପୁରସ୍କାର


ବିଭାଗ ପକ୍ଷରୁ ପୁରସ୍କାର ପ୍ରଦାନ।

ବ୍ରହ୍ମପୁର,୭।୧୦(ସ୍ମୃତି ରଞ୍ଜନ ମହାଲିକ)

ଆଂଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟରେ ଜିଲାସ୍ତରୀୟ ୭୦ତମ ବନ୍ୟ ପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବନ ଖଣ୍ଡ ଅଧିକାରୀ ସୋନି ଖୋଖର ସଭାପତିତ୍ୱ କରିଥିଲେ। ବ୍ରହ୍ମପୁର ମଣ୍ଡଳ ଆଂଚଳିକ ମୁଖ୍ୟ ବନ ସଂରକ୍ଷକ ଡ ସଞ୍ଜୟ ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ରୂପେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଡିସିଏଫ ଦିଲୀପ ବାରିକ, ପୂର୍ବତନ ଅବୈତନିକ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ରବୀନ୍ଦ୍ର ନାଥ ସାହୁ ଓ ଶୁଳପାଣି ଶତପଥି ପ୍ରମୁଖ ଯୋଗ ଦେଇଥିଲେ। ବନ୍ୟ ପ୍ରାଣୀଙ୍କ ସୁରକ୍ଷା କ୍ଷେତ୍ରରେ ଉଲେଖନୀୟ କାର୍ଯ୍ୟ ପାଇଁ ବ୍ରହ୍ମପୁରର ରାମଚନ୍ଦ୍ର ସାହୁ, ଛତ୍ରପୁରର ଶେଷଦେବ ବେହେରା ଓ ଭଞ୍ଜନଗରରୁ ଲୋକନାଥ ଆଚାର୍ଯ୍ୟଙ୍କୁ ଉପଖଣ୍ଡସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ବୃକ୍ଷ ଓ ଜଙ୍ଗଲର ସୁରକ୍ଷା ପାଇଁ ୧୮ ଅନୁଷ୍ଠାନକୁ ପ୍ରକୃତି ମିତ୍ର ଓ ୧୭ ବ୍ୟକ୍ତି ବିଶେଷଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବନ୍ୟ ପ୍ରାଣୀ ସପ୍ତାହ ଅବସରରେ ସ୍କୁଲ ବିଦ୍ୟାର୍ଥୀଙ୍କୁ ନେଇ ହୋଇଥିବା ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏସିଏଫ ମାଣିକେଶ୍ୱରୀ ହାଂସଦା, ବନାଚଂଳ ଅଧିକାରୀ ଦିବ୍ୟ ରଞ୍ଜନ ସାହୁ, ବନପାଳ ସୋମନାଥ ମଲିକ ଓ ଦିଗାମ୍ବର ହୋତା ପରିଚାଳନାରେ ସହଯୋଗ କରିଥିଲେ।

## ଯୁବକଙ୍କ ଆତ୍ମହତ୍ୟା

ଚିକିଟି,୭।୧୦(ପ୍ରକାଶ ଚନ୍ଦ୍ର ସାହୁ)

କେ.ନୂଆଗାଁ ଥାନା ଚିକିଟିଗଡ଼ ସ୍ଥିତ ଧାଡ଼ଙ୍ଗାସାହିର ଜଣେ ଯୁବକ ସୋମବାର ରସି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଏସ ସିମାଞ୍ଚଳ ଆଚାରୀ। ସିମାଞ୍ଚଳ ସୋମବାର ସକାଳେ ଖାଇସାରି ଉପରକୁ ଯାଇ ବାଥରୁମରେ ବେକରେ ରସି ଲଗାଇ ଦେଇଥିଲେ। ଶବ୍ଦ ଶୁଣିବାରୁ ପରିବାର ଲୋକେ ଯାଇ ତାଙ୍କୁ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରି ଚିକିଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କୌଣସି ସୂତ୍ରରୁ ଖବରପାଇ ଚିକିଟି ଫାଣ୍ଡି ଅଧିକାରୀ ରଂଜିତ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡମେଡିକାଲକୁ ପଠା ଯାଇଥିବା ଜଣାପଡିଛି।

## ଥାନା ସମ୍ମୁଖରେ ଧାରଣାରେ ବସିଲେ ଓକିଲ


ଓକିଲ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

ବୁଗୁଡ଼ା,୭।୧୦(କାଳିଚରଣ ଦାଶ)

ବୁଗୁଡ଼ାରେ ଓକିଲଙ୍କୁ ଆକ୍ରମଣ ଘଟଣାର ୧୪ଦିନ ବିତିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରି ପାରିନଥିବାରୁ ସୋମବାର ବୁଗୁଡ଼ା ଓକିଲ ସଂଘ ପକ୍ଷରୁ ଥାନା ସମ୍ମୁଖରେ ଧାରଣା ଦିଆଯାଇଛି। ଗତ ୨୪ ତାରିଖ ପୂର୍ବାହ୍ନ ସାଢେ ଦଶଟା ସମୟରେ ଆଶିଷ ତାଙ୍କ ସ୍ତ୍ରୀଙ୍କୁ ନାଗିରି ଅଙ୍ଗନୱାଡି କେନ୍ଦ୍ରରେ ଛାଡି ମୋଟାବାଡିକୁ ଫେରୁଥିବା ବେଳେ ପୂର୍ବରୁ ଏକ ବାଇକରେ ଆସି ବାଟରେ ଛକିଥିବା ତିନି ଜଣ ଦୁର୍ବୃତ୍ତ ତାଙ୍କୁ ଅତର୍କିତ ଭାବେ ଲୁହା ରଡରେ ଆକ୍ରମଣ କରିବା ସହ ମୋବାଇଲ୍, ପର୍ସ ଓ ବାଇକ୍ ଡିକିରେ ଥିବା ଦରକାରୀ କାଗଜପତ୍ର ଲୁଟି ନେଇଥିଲେ। ଆକ୍ରମଣରେ ତାଙ୍କର ବାମ ହାତ ଭାଙ୍ଗିଥିବା ସହ ଅଣ୍ଟାରେ ଗଭୀର ଆଘାତ ଲାଗିଥିଲା। ଏ ନେଇ ଓକିଲ ସଂଘ ପକ୍ଷରୁ ଲିଖିତ ଅଭିଯୋଗ ପରେ ପୋଲିସ କେସ ନଂ ୪୪୬ /୨୪ ଦଫା ୩୦୯ (୨)ରେ ଏକ ମାମଲା ରୁଜୁ କରିଥିଲା। ଗତ ୨୯ ତାରିଖରେ ଓକିଲ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଡକାଯାଇ ଘଟଣାକୁ ତୀବ୍ର ନିନ୍ଦା କରାଯିବା ସହ ୭ ଦିନ ଭିତରେ ଅଭିଯୁକ୍ତଙ୍କୁ ଗିରଫ କରାନଗଲେ ଆନ୍ଦୋଳନ ଚେତାବନୀ ଦେଇଥିଲେ। ତେବେ ଏହି ଘଟଣାରେ ପୋଲିସ ଆଜି ପର୍ଯ୍ୟନ୍ତ କାହାରିକୁ ଗିରଫ କରି ନଥିବାରୁ ଓକିଲ ସଂଘ ସଭାପତି ବନବାସୀ ମହାରଣା, ସମ୍ପାଦକ ଦୁର୍ଗା ମାଧବ ପଣ୍ଡା, ସହ ସମ୍ପାଦକ ସିମାଞ୍ଚଳ ନନ୍ଦ, କୋଷାଧକ୍ଷ କାହ୍ନୁ ଚରଣ ସାହୁ, ପ୍ରାକ୍ତନ ସଭାପତି ହର ପ୍ରସାଦ ଦାଶଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଏନେଇ ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତିକୁ ପଚାରିବାରେ ସେ କହିଛନ୍ତି ସନ୍ଦେହ ଘେରରେ ଥିବା କିଛି ବ୍ୟକ୍ତିଙ୍କୁ ପଚରା ଉଚରା କରାଯାଇଛି ଏବଂ ସେମାନଙ୍କ ସିଡିଆର ମଗାଯାଇଛି, ରିପୋର୍ଟ ଆସିଲେ ସେ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

